# NATIONAL NEWS BULLETIN (ODIA)

## 3 May - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗ, ତାମିଲନାଡୁ, କେରଳମ, ଆସାମ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ଆଉ କିଛିସମୟ ମଧ୍ୟରେ ଆରମ୍ଭ ହେବ ଭୋଟ୍‌ଗଣତି ।
- ଉତ୍ତରପ୍ରଦେଶର ପ୍ରୟାଗରାଜ ଠାରେ ରକ୍ଷା ତ୍ରିବେଣୀ ସିମ୍ପୋଜିୟମର ଶୁଭାରମ୍ଭ କରିବେ ପ୍ରତିରକ୍ଷାମନ୍ତ୍ରୀ ।
- ପଶ୍ଚିମ ଏସିଆରେ ସୃଷ୍ଟ ଯୁଦ୍ଧ ପରିସ୍ଥିତି ସମାପ୍ତ ପାଇଁ ଇରାନ ଦେଇଥିବା ସାନି ପ୍ରସ୍ତାବକୁ ଗ୍ରହଣୀୟ ନୁହେଁ କହିଲେ ଆମେରିକା ରାଷ୍ଟ୍ରପତି ।
- ଦେଶର ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଗୁଡ଼ିକରେ ଆଜିଠାରୁ ପାଳନ କରାଯିବ ଅଗ୍ନି ନିରାପତ୍ତା ସପ୍ତାହ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ଗୁଜୁରାଟ ଟାଇଟନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ବିଜୟୀ ।

# ଭୋଟ୍ କାଉଣ୍ଟିଂ

ପଶ୍ଚିମବଙ୍ଗ, ତାମିଲନାଡୁ, କେରଳମ, ଆସାମ ଏବଂ ପୁଡୁଚେରୀ କେନ୍ଦ୍ରଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ପାଇଁ ଆଜି ଭୋଟ୍ ଗଣତି ନିମନ୍ତେ ସମସ୍ତ ବ୍ୟବସ୍ଥା ଚୂଡାନ୍ତ ହୋଇଛି। ଆଜି ସକାଳ ୮ଟାରେ ଭୋଟ୍ ଗଣତି ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ବାଲଟ ଗଣତି କରାଯିବ ଏବଂ ସକାଳ ୮.୩୦ ରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ଗଣତି ଆରମ୍ଭ ହେବ। ମଧ୍ୟାହ୍ନ ସୁଦ୍ଧା ପ୍ରାରମ୍ଭିକ ଫଳାଫଳ ପ୍ରକାଶ ପାଇବା ଆଶା କରାଯାଉଛି।

ପଶ୍ଚିମବଙ୍ଗରେ, ଆଜି ୨୯୩ଟି ଆସନ ପାଇଁ ୭୭ଟି କେନ୍ଦ୍ରରେ ଭୋଟ୍ ଗଣନା ଆରମ୍ଭ ହେବ। ପ୍ରତ୍ୟେକ ଗଣନା କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗଣନା କେନ୍ଦ୍ରରେ ଜିଲ୍ଲା ପୋଲିସ, ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀର ୨୦୦ କମ୍ପାନୀ ନିୟୋଜିତ ହୋଇଛନ୍ତି। ଗଣନା କେନ୍ଦ୍ରର ୧୦୦ ମିଟର ମଧ୍ୟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଲାଗୁ କରାଯାଇଛି ଏବଂ ଆବଶ୍ୟକ ହେଲେ ଏହି ପରିଧିକୁ ବୃଦ୍ଧି କରାଯିବ। ଭୋଟ୍ ଗଣନା ପ୍ରକ୍ରିୟା ସମୟରେ କର୍ତ୍ତବ୍ୟରେ ଅବହେଳା କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାଚନ କମିଶନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ସମଗ୍ର ପ୍ରକ୍ରିୟା

ପର୍ଯ୍ୟବେକ୍ଷକ ଏବଂ ପୋଲିସ ପର୍ଯ୍ୟବେକ୍ଷକଙ୍କ ସହିତ ରିଟର୍ଣ୍ଣିଂ ଅଧିକାରୀ ଏବଂ ସହକାରୀ ରିଟର୍ଣ୍ଣିଂ ଅଧିକାରୀମାନେ ତଦାରଖ କରିବେ। ପ୍ରଥମ ଥର ପାଇଁ ପୋଲିସ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ଗଣନା ପ୍ରକ୍ରିୟାରେ ସାମିଲ କରାଯାଇଛି। ଫାଲଟା ବିଧାନସଭା ପାଇଁ ପୁନଃନିର୍ବାଚନ ଆସନ୍ତା ୨୧ରେ ଅନୁଷ୍ଠିତ ହୋଇ ୨୪ରେ ଭୋଟ୍ ଗଣତି ହେବ ।

ତାମିଲନାଡୁରେ ୨୩୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୨୩୪ ଜଣ ଗଣନା ପର୍ଯ୍ୟବେକ୍ଷକ ଏବଂ ୪ ହଜାର ୬୨୪ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଛନ୍ତି। ଗଣନାକାର୍ଯ୍ୟରେ ୧୦ ହଜାର ୫୪୫ କର୍ମଚାରୀଙ୍କୁ ସାମିଲ କରାଯାଇଛି ।

ଆସାମରେ ୧୨୬ଟି ବିଧାନସଭା ଆସନ, କେରଳମରେ ୧୪୦ ଏବଂ ପୁଡୁଚେରୀରେ ୩୦ଟି ଆସନ ପାଇଁ ଭୋଟ ଗଣତି କରାଯିବ।

ନାଗାଲାଣ୍ଡରେ ଆଜି ମୋକୋକଚୁଙ୍ଗ ଜିଲ୍ଲାରେ କୋରିଡାଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗଣନା ବ୍ୟବସ୍ଥା କରାଯାଇଛି। ଡେପୁଟି କମିଶନରଙ୍କ କାର୍ଯ୍ୟାଳୟରେ ତିନି ପର୍ଯ୍ୟାୟରେ ୧୦ଟି ଟେବୁଲରେ ଭୋଟ୍ ଗଣନା କରାଯିବ। ଗଣନା ସ୍ଥାନରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ସିସିଟିଭି ଜରିଆରେ ସମସ୍ତ ବ୍ୟବସ୍ଥା ନିୟନ୍ତ୍ରଣ କରାଯାଉଛି ।

# ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଉତ୍ତର ପ୍ରଦେଶର ପ୍ରୟାଗରାଜରେ ରକ୍ଷା ତ୍ରିବେଣୀ ସଙ୍ଗମ ସିମ୍ପୋଜିୟମ ଉଦ୍‌ଘାଟନ କରିବେ । ସିମ୍ପୋଜିୟମରେ ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଏବଂ ସେନା ଏକତ୍ରୀକରଣ ବିଷୟରେ ଆଲୋଚନା ହେବ। ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ଏହି ସିମ୍ପୋଜିୟମ ବିଭିନ୍ନ ଆହ୍ୱାନ ଗୁଡ଼ିକୁ ଦୂର କରିବା ପାଇଁ ଅତ୍ୟାଧୁନିକ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ ଏବଂ ସମନ୍ୱିତ କରିବା ପାଇଁ ଏକ ସକ୍ରିୟ ମଞ୍ଚ ଭାବରେ କାର୍ଯ୍ୟ କରିବ। ଏହି ପ୍ରଦର୍ଶନୀରେ ଦେଶର ଏମଏସଏମଇ, ଘରୋଇ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ଫାର୍ମ, ଷ୍ଟାର୍ଟ-ଅପ୍ ଏବଂ ନବସୃଜନକାରୀଙ୍କ ସମେତ ବିଭିନ୍ନ ଅଂଶଗ୍ରହଣକାରୀ ସାମିଲ ହେବେ।

୨୮୦ରୁ ଅଧିକ କମ୍ପାନୀ ସେମାନଙ୍କର ସଦ୍ୟତମ ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ କରିବା ସହ ଷ୍ଟଲ ସ୍ଥାପନ କରିବେ ବୋଲି ଜଣାପଡିଛି ।

ଏହି ତିନି ଦିନିଆ କାର୍ଯ୍ୟକ୍ରମ ଭାରତୀୟ ସେନାର ନର୍ଦର୍ଣ୍ଣ କମାଣ୍ଡ ଏବଂ କେନ୍ଦ୍ରୀୟ କମାଣ୍ଡ ଓ ଭାରତୀୟ ପ୍ରତିରକ୍ଷା ନିର୍ମାତା ସଂଗଠନ ଦ୍ୱାରା ମିଳିତ ଭାବରେ ଆୟୋଜନ କରାଯାଉଛି ।

# ରାଜ୍ୟପାଳ-ଜାତୀୟ ଶିକ୍ଷାନୀତି

ଶିକ୍ଷା ହେଉଛି ଜାତି ଗଠନର ସବୁଠାରୁ ଶକ୍ତିଶାଳୀ ଉପକରଣ । ଏ ଦିଗରେ ଜାତୀୟ ଶିକ୍ଷାନୀତି ୨୦୨୦ ଏକ ରୂପାନ୍ତରଣକାରୀ ସଂସ୍କାର ବୋଲି ଓଡ଼ିଶା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରୀତା ଏବଂ ଉଚ୍ଚ ସଂସ୍କାର ସମ୍ପର୍କିତ ଜାତୀୟ ସ୍ତରୀୟ କର୍ମଶାଳାର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଜାତୀୟ ଶିକ୍ଷାନୀତି ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଦୃଷ୍ଟିକୋଣକୁ ରୂପାୟନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଜାତୀୟ ଶିକ୍ଷାନୀତିରେ ଏକ ଶକ୍ତିଶାଳୀ, ଅନ୍ତର୍ଭୁକ୍ତିମୂଳକ ଏବଂ ଭବିଷ୍ୟତ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥା କରାଯାଇଛି । ଏହା ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଏବଂ ବିଶ୍ୱ ନେତୃତ୍ୱ ପାଇଁ ଶକ୍ତି ପ୍ରଦାନ କରିବ ବୋଲି ରାଜ୍ୟପାଳ କହିଛନ୍ତି ।

# ଟ୍ରମ୍ପ ଇରାନ ପ୍ଲାନ

ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିରେ ଯୁଦ୍ଧ ସମାପ୍ତ କରିବା ପାଇଁ ତେହେରାନ ଦେଇଥିବା ୧୪-ସୂତ୍ରୀ ଯୋଜନାର ଆମେରିକା ସମୀକ୍ଷା କରିଛି । ଇସ୍ରାଏଲୀ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ସେ ପ୍ରସ୍ତାବକୁ ଯାଞ୍ଚ କରିଛନ୍ତି ଏବଂ ଏହାକୁ 'ଗ୍ରହଣୀୟ ନୁହେଁ' ବୋଲି କହିଛନ୍ତି । ସେ କହିଛନ୍ତି ଇରାନ ଏପର୍ଯ୍ୟନ୍ତ ଗ୍ରହଣୀୟ ପ୍ରସ୍ତାବ ଦେଇନାହିଁ।

ଇରାନର ବୈଦେଶିକ ମନ୍ତ୍ରଣାଳୟ କହିଛି, ଆମେରିକାର ପ୍ରତିକ୍ରିୟା ମିଳିଛି ଏବଂ ଇରାନ ସରକାର ଏହାର ସମୀକ୍ଷା କରୁଛନ୍ତି। ଏହି ପର୍ଯ୍ୟାୟରେ ପରମାଣୁ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଯୁଦ୍ଧବିରତି ସତ୍ତ୍ୱେ ଦକ୍ଷିଣ ଲେବାନନରେ ଇସ୍ରାଏଲ ଏବଂ ହିଜବୋଲା ମଧ୍ୟରେ ସଂଘର୍ଷ ତୀବ୍ର ହୋଇଛି । ଇସ୍ରାଏଲୀ ସେନା ବିମାନ ଆକ୍ରମଣକୁ ବୃଦ୍ଧି କରିଥିବାବେଳେ ହିଜବୋଲା ମଧ୍ୟ ଆକ୍ରମଣ ଜାରି ରଖିଛି । ମଧ୍ୟସ୍ଥିଙ୍କ ଜରିଆରେ ଯୁଦ୍ଧବିରତି ପାଳନ ଲାଗି କୂଟନୈତିକ ପ୍ରୟାସ ଜାରି ରହିଥିବା ଜଣାପଡିଛି ।

# ଫାୟାର ସେଫ୍ଟି ୱିକ୍

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ, କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗ ସହିତ ମିଳିତ ଭାବେ ଦେଶର ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିରାପତ୍ତା ନେଇ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ଆଜିଠାରୁ ସର୍ବଭାରତୀୟ ଅଗ୍ନି ନିରାପତ୍ତା ସପ୍ତାହ ପାଳନ କରିବ। ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲୀଲା ଶ୍ରୀବାସ୍ତବ ଅଗ୍ନି ନିରାପତ୍ତା ସପ୍ତାହର ଉଦ୍‌ଘାଟନ କରିବେ। ନୂଆଦିଲ୍ଲୀର କର୍ତ୍ତବ୍ୟ ଭବନସ୍ଥିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ପ୍ରତିଜ୍ଞା ଶପଥ ଗ୍ରହଣର ନେତୃତ୍ୱ  ଶ୍ରୀ ଶ୍ରୀବାସ୍ତବ ନେବେ। ସପ୍ତାହବ୍ୟାପୀ ସମଗ୍ର ଦେଶରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବ୍ୟାପକ ସଚେତନତା ଅଭିଯାନ, ମକ୍‌ଡ୍ରିଲ, କ୍ଷମତା ନିର୍ମାଣ ପଦକ୍ଷେପ, ଏବଂ ଅଗ୍ନି ନିରାପତ୍ତା ମାର୍ଗଦର୍ଶିକା ପ୍ରସାର ସମେତ ବିଭିନ୍ନ କାର୍ଯ୍ୟକଳାପ କରାଯିବ।

# ୱେଷ୍ଟଏସିଆ

ପଶ୍ଚିମ ଏସିଆ ସଂକଟ ସତ୍ତ୍ୱେ ଶକ୍ତି ଯୋଗାଣ, ସାମୁଦ୍ରିକ କାର୍ଯ୍ୟକଳାପ ଏବଂ ଭାରତୀୟ ନାଗରିକଙ୍କୁ ସହାୟତା ସୁନିଶ୍ଚିତ କରିବା ପାଇଁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ସୂଚନା ଅନୁସାରେ, ଦେଶରେ ଏଲ୍.ପି.ଜି. ମହଜୁଦ ଏବଂ କଳାବଜାରୀ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ସମଗ୍ର ଦେଶରେ ୧୨ ଶହରୁ ଅଧିକ ସ୍ଥାନରେ ଚଢ଼ଉ କରାଯାଇଥିଲା। ଦେଶବ୍ୟାପୀ ଅନଲାଇନ୍ ଏଲ୍.ପି.ଜି. ସିଲିଣ୍ଡର ବୁକିଂ ୯୯ ପ୍ରତିଶତକୁ ବୃଦ୍ଧି ପାଇଛି। ୪୭ ଲକ୍ଷ ୪ ହଜାର ଏଲ୍.ପି.ଜି. ସିଲିଣ୍ଡର ବୁକିଂ ହୋଇଥିବା ବେଳେ ୪୭ ଲକ୍ଷ ଏଲ୍.ପି.ଜି. ସିଲିଣ୍ଡର ବିତରଣ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ମାର୍ଚ୍ଚ ପରଠାରୁ ପ୍ରାୟ ୬ ଲକ୍ଷ ୪ ହଜାର ପି.ଏନ୍.ଜି ସଂଯୋଗକୁ ଗ୍ୟାସ୍ ଯୋଗାଣ କରାଯାଇଛି ଏବଂ ଅତିରିକ୍ତ ୨ ଲକ୍ଷ ୬୮ ହଜାର ସଂଯୋଗ ପାଇଁ ଭିତ୍ତିଭୂମି ସୃଷ୍ଟି କରାଯାଇଛି। ଏପ୍ରିଲ ମାସ ୩ ତାରିଖ ପରଠାରୁ ୧ ଲକ୍ଷ ୭୫ ହଜାର’ ୫ କିଲୋଗ୍ରାମ ବିଶିଷ୍ଟ ମୁକ୍ତ ବାଣିଜ୍ୟ  ଏଲ୍.ପି.ଜି. ସିଲିଣ୍ଡର ବିକ୍ରି ହୋଇଛି।

ମାର୍ଶାଲ ଦ୍ୱୀପପୁଞ୍ଜ ଧ୍ୱଜାଧାରୀ ଏଲ୍.ପି.ଜି. ବୋଝେଇ ଜାହାଜ ଏମ୍.ଟି. ସର୍ବଶକ୍ତି ଗତକାଲି ୪୬ ହଜାର ୩୧୩ ମେଟ୍ରିକ ଟନ୍ ଏଲ୍.ପି.ଜି. ନେଇ ସୁରକ୍ଷିତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି। ଆସନ୍ତା ୧୩ ତାରିଖରେ ବିଶାଖାପାଟଣାରେ ପହଁଞ୍ଚିବାର ଆଶା କରାଯାଉଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସଂଯୁକ୍ତ ଆରବ୍ ଏମିରେଟ୍ସ ବେସାମରିକ ବିମାନ ଚଳାଚଳ ପ୍ରାଧିକରଣ ଗତକାଲି ସେଠାକାର ବାୟୁ ସୀମା ମଧ୍ୟରେ ସାଧାରଣ ବିମାନ ଚଳାଚଳକୁ ପୁନଃ ଆରମ୍ଭ କରିବା ନେଇ ଘୋଷଣା କରିଛି।

# ଆଇପିଏଲ୍

ଆଇପିଏଲ କ୍ରିକେଟରେ, ଗତକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜୁରାଟ ଟାଇଟାନ୍ସ ୪ ୱିକେଟରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଛି। ପଞ୍ଜାବ କିଙ୍ଗସ ଦ୍ୱାରା ଧାର୍ଯ୍ୟ ୧୬୪ ରନର ଲକ୍ଷ୍ୟକୁ ପିଛା କରି ଗୁଜୁରାଟ ଟାଇଟାନ୍ସ ଗୋଟିଏ ବଲ ବାକି ଥାଇ ୬ ୱିକେଟରେ ୧୬୭ ରନ କରିଥିଲା। ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟରେ ୧୬୩ ରନ କରିଥିଲା।

ଅନ୍ୟ ଏକ ମ୍ୟାଚରେ, କୋଲକାତା ନାଇଟ୍ ରାଇଡର୍ସ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ସନରାଇଜର୍ସ ହାଇଦ୍ରାବାଦକୁ ୭ ୱିକେଟରେ ପରାସ୍ତ କରିଥିଲା। ସନରାଇଜର୍ସ ହାଇଦ୍ରାବାଦ ଦ୍ୱାରା ଧାର୍ଯ୍ୟ ୧୬୬ ରନର ଲକ୍ଷ୍ୟକୁ ପିଛା କରି କୋଲକାତା ନାଇଟ୍ ରାଇଡର୍ସ ୧୮ଓଭର ୨ଟି ବଲରେ ୩ ୱିକେଟରେ ୧୬୯ ରନ କରିଥିଲା। ପ୍ରଥମେ ବ୍ୟାଟିଂ କରି ସନରାଇଜର୍ସ ହାଇଦ୍ରାବାଦ ୧୯ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୫ ରନ କରିଥିଲା।

ଆଜି ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ସନ୍ଧ୍ୟା ୭ଟା ୩୦ରେ ମ୍ୟାଚ୍ ଆରମ୍ଭ ହେବ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଦିଲ୍ଲୀ, ହରିୟାଣା, ହିମାଚଳପ୍ରଦେଶ, ଉତ୍ତରପ୍ରଦେଶ, ପଞ୍ଜାବ ଏବଂ ଉତ୍ତରାଖଣ୍ଡରେ ଆଜି ଝଡ଼ବର୍ଷା ନେଇ ସତର୍କତା ଜାରି କରିଛି । ଜାମ୍ମୁ-କାଶ୍ମୀର, ଲଦାଖ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଏବଂ ଓଡ଼ିଶାରେ ମଧ୍ୟ ଝଡ଼ବର୍ଷା ନେଇ ବିଭାଗ ପକ୍ଷରୁ ସୂଚନା

ଦିଆଯାଇଛି । ୧୪ଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।